# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 20 February – 2026

*************************************

## ମୁଖ୍ୟ ସମ୍ବାଦ

- ବିଧାନସଭାରେ ୨୦୨୬-୨୭ ଆର୍ଥିକବର୍ଷ ପାଇଁ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ୍ ଉପସ୍ଥାପନ

— ଆର୍ଥିକ ଦୂରଦୃଷ୍ଟି ଏବଂ ସୁଶାସନର ମଡେଲ ଭାବରେ ପରିଗଣିତ ହୋଇଛି ଓଡ଼ିଶା; ବଜେଟ୍ ଅଭିଭାଷଣରେ କହିଲେ ମୁଖ୍ୟମନ୍ତ୍ରୀ

- ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ରସ୍ଥଳିର ସଂରକ୍ଷଣ ପାଇଁ ୧ ହଜାର କୋଟି ଟଙ୍କା ବ୍ୟୟରେ ପୁରୀରେ ପ୍ରତିଷ୍ଠା ହେବ ବିଶ୍ୱସ୍ତରୀୟ ସଂଗ୍ରହାଳୟ ଓ ଲାଇବ୍ରେରୀ
- ଚଳିତ ଆର୍ଥିକବର୍ଷରେ ରାଜ୍ୟର ମୋଟ ଘରୋଇ ଉତ୍ପାଦ ୭ ଦଶମିକ ୯ ପ୍ରତିଶତ ହାରରେ ବୃଦ୍ଧି ଆକଳନ
- ସୁଭଦ୍ରା ଯୋଜନା ପାଇଁ ବଜେଟ୍‌ରେ ୧୦ ହଜାର ୧୪୫ କୋଟି ଟଙ୍କାର ବ୍ୟୟବରାଦ

ଏବଂ

- ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ଆସନ୍ତା ୪୮ ଘଣ୍ଟାରେ ଲଘୁଚାପର ରୂପ ନେବା ସମ୍ଭାବନା

# ବଜେଟ୍

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଧାନସଭାରେ  ତୃତୀୟ ଥର ପାଇଁ ବଜେଟ୍ ଉପସ୍ଥାପନ କରିଛନ୍ତି। ୨୦୨୬-୨୭ ଆର୍ଥିକବର୍ଷ ପାଇଁ ୩ ଲକ୍ଷ ୧୦ ହଜାର କୋଟିର ବଜେଟ୍ ଉପସ୍ଥାପନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଗତିଶୀଳ ନେତୃତ୍ୱରେ ଭାରତ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି ଭାବେ ଉଭା ହୋଇଛି। ଅନ୍ନଦାତାଙ୍କ ପରିଶ୍ରମ ପାଇଁ ଶସ୍ୟଭଣ୍ଡାର ପରିପୂର୍ଣ୍ଣ ହେବା ସହିତ ଗ୍ରାମୀଣ ସମୃଦ୍ଧି ସୁଦୃଢ଼ ହୋଇପାରିଛି। ମହାପ୍ରଭୁ ଜଗନ୍ନାଥଙ୍କ ପବିତ୍ରସ୍ଥଳିର ସଂରକ୍ଷଣ ଓ ସମ୍ବର୍ଦ୍ଧନ ପାଇଁ ପୁରୀରେ ପ୍ରାୟ ଏକ ହଜାର କୋଟି  ଟଙ୍କା ବ୍ୟୟରେ ଏକ ବିଶ୍ୱସ୍ତରୀୟ ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଏବଂ ଲାଇବ୍ରେରୀ କେନ୍ଦ୍ର ପ୍ରତିଷ୍ଠା କରାଯିବ। ଏହାସହ 'ସମର୍ପଣ' ନାମରେ ଏକ ସୁରକ୍ଷିତ ଅନ୍‌ଲାଇନ୍ ଦାନ ପ୍ଲାଟଫର୍ମ ଡିଜିଟାଲ ହୁଣ୍ଡି ପ୍ରଚଳନ ନେଇ ମୁଖ୍ୟମନ୍ତ୍ରୀ ଗୃହରେ କହିଛନ୍ତି।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାରର ସମସ୍ତ ଅଳଙ୍କାର ଗଣତି-ମଣତି ପାଇଁ ବଜେଟ୍‌ରେ ୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଓଡ଼ିଶା ଆର୍ଥିକ ଦୂରଦୃଷ୍ଟି ଏବଂ ସୁଶାସନର ଏକ ମଡେଲ୍ ଭାବରେ ପରିଗଣିତ ହୋଇପାରିଛି।

ଯୁବବର୍ଗ, ଅନ୍ନଦାତା ଏବଂ ନାରୀଶକ୍ତି ପାଇଁ ବିଭିନ୍ନ ଜନାଭିମୁଖୀ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି। ଅର୍ଥନୀତିର ସୁପରିଚାଳନା ଯୋଗୁଁ ରାଜ୍ୟର ମୋଟ୍ ଘରୋଇ

ଉତ୍ପାଦ-ଜିଏସ୍‌ଡିପି ୨୦୨୫-୨୬ ଆର୍ଥିକବର୍ଷରେ ୭ ଦଶମିକ ୯ ପ୍ରତିଶତ ହାରରେ ବୃଦ୍ଧି ପାଇବା ନେଇ ଆକଳନ କରାଯାଇଛି। ୨୦୨୬-୨୭ ଆର୍ଥିକବର୍ଷରେ ଜିଏସ୍‌ଡିପି ପ୍ରାୟ ୧୧ ଲକ୍ଷ ୭ କୋଟି ଟଙ୍କାରେ ପହଞ୍ଚିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟ ସରକାର ଆର୍ଥିକବର୍ଷ ୨୦୨୬-୨୭ ରୁ ୨୦୩୦-୩୧ ମଧ୍ୟରେ ସ୍ଥାନୀୟ ନିକାୟ ସଂସ୍ଥାଗୁଡ଼ିକୁ ୫୦ ହଜାର କୋଟି ଟଙ୍କା ହସ୍ତାନ୍ତର କରିବା ପାଇଁ ଷଷ୍ଠ ରାଜ୍ୟ ଅର୍ଥ କମିଶନଙ୍କ ସୁପାରିଶକୁ ଗ୍ରହଣ କରିଛନ୍ତି। କେନ୍ଦ୍ର ବଜେଟ୍‌ରେ ଓଡ଼ିଶା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ରେଳପ୍ରକଳ୍ପ ନିମନ୍ତେ ରେକର୍ଡ ୧୦ ହଜାର ୯୨୮ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ବଜେଟ୍ ଅଭିଭାଷଣରେ କହିଛନ୍ତି। ସେମିକଣ୍ଡକ୍ଟର, ଜୈବ ଔଷଧଶିଳ୍ପ, ମତ୍ସ୍ୟଚାଷ, କୃଷି ଏବଂ ଉପକୂଳ ପର୍ଯ୍ୟଟନରେ ଜାତୀୟ ପଦକ୍ଷେପ ରୋଜଗାର ସୃଷ୍ଟି ଓ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି। ଭୁବନେଶ୍ୱର-କଟକ-ପୁରୀ-ପାରାଦ୍ୱୀପ ଅର୍ଥନୈତିକ କ୍ଷେତ୍ର ପାଇଁ ବ୍ୟାପକ ଅର୍ଥନୈତିକ ଯୋଜନାର ଶୁଭାରମ୍ଭ ହୋଇଛି।

ପର୍ଯ୍ୟାୟକ୍ରମେ ବରଗଡ-ଝାରସୁଗୁଡ଼ା-ସମ୍ବଲପୁର, ବ୍ରହ୍ମପୁର-ଛତ୍ରପୁର-ଗୋପାଳପୁର ଏବଂ ଜୟପୁର-କୋରାପୁଟ-ସୁନାବେଡାକୁ ଅର୍ଥନୈତିକ କ୍ଲଷ୍ଟର ଭାବେ ବିକଶିତ କରାଯିବ।

ଚିଲିକାରେ ପାରିବେଶିକ ଏବଂ ଭୂଆକୃତିଗତ ଅସ୍ଥିରତାର ସୁଧାର ଆଣିବା ପାଇଁ 'ଚିଲିକା ପୁନରୁଦ୍ଧାର' ଯୋଜନା କାର୍ଯ୍ୟକାରୀ ହେବ। ଓଡ଼ିଶାର

ସମୃଦ୍ଧ ଐତିହ୍ୟ, ଭାଷା ଏବଂ ସାମରିକ କଳା-କୌଶଳକୁ ଉଜ୍ଜୀବିତ କରିବା ପାଇଁ ବାରିପଦାଠାରେ ୧୦ କୋଟି ଟଙ୍କା ବ୍ୟୟରେ 'ମୟୂରଭଞ୍ଜ ଛଉ ଏକାଡେମୀ' ପ୍ରତିଷ୍ଠା କରାଯିବ। କୃଷକଙ୍କ ଆୟ ବୃଦ୍ଧିକୁ ସୁନିଶ୍ଚିତ କରିବା ପାଇଁ ସମୃଦ୍ଧ କୃଷକ ଯୋଜନାରେ ଆଗାମୀ ଆର୍ଥିକବର୍ଷରେ ୬ ହଜାର ୮୮ କୋଟି ଟଙ୍କା ଖର୍ଚ୍ଚ କରାଯିବ। ମାଣ୍ଡିଆ ଭଳି ଜଳବାୟୁ ସହନଶୀଳ ଏବଂ ପୃଷ୍ଟିକର ଶସ୍ୟକୁ ପୁନର୍ଜୀବିତ କରି ଖାଦ୍ୟ ସୁରକ୍ଷା ଯୋଗାଇବା ପାଇଁ ଶ୍ରୀଅନ୍ନ ଅଭିଯାନ ପାଇଁ ବଜେଟ୍‌ରେ ୪୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଜଳସେଚନ, ବନ୍ୟା ନିୟନ୍ତ୍ରଣ ଏବଂ ଜଳ ଉପଲବ୍ଧତାରେ ଉନ୍ନତି ଆଣିବା ପାଇଁ ୨୦୨୬-୨୭ ଆର୍ଥିକବର୍ଷରେ ଆନ୍ତଃ ନଦୀ ସଂଯୋଗୀକରଣ ଯୋଜନା କାର୍ଯ୍ୟକାରୀ ହେବା ସହିତ ଏହି ବାବଦରେ ୧୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ୨୦୨୯ ମସିହା ସୁଦ୍ଧା ୧୫ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା ଉପଲବ୍ଧ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି।

ଆଗାମୀ ଆର୍ଥିକବର୍ଷରେ ୩ ଲକ୍ଷ ୩୩ ହଜାର ହେକ୍ଟର ଜମିରେ ପ୍ରଯୁକ୍ତିବିଦ୍ୟା ଆଧାରିତ ଜଳସେଚନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପାର୍ବତୀ ଗିରି ବୃହତ୍ ଉଠା ଜଳସେଚନ ପାଇଁ ବଜେଟ୍‌ରେ ୨ ହଜାର ୨୯ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ସମବାୟ ଋଣ ରିହାତି ସହାୟତାରେ କୃଷକମାନଙ୍କୁ ସଶକ୍ତ କରିବା ପାଇଁ ସରକାର ସଂକଳ୍ପବଦ୍ଧ। ଆସନ୍ତା ଆର୍ଥିକବର୍ଷରେ ୩୮ ଲକ୍ଷ ଚାଷୀଙ୍କୁ ୨୧ ହଜାର କୋଟି ଟଙ୍କାର

ଫସଲ ଋଣ ପ୍ରଦାନ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ ଉଲ୍ଲେଖ କରିଛନ୍ତି।

ବଜେଟ୍‌ରେ ସୁଭଦ୍ରା ଯୋଜନା ପାଇଁ ୧୦ ହଜାର ୧୪୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପାଇଁ ୨୩ ହଜାର ୧୮୨ କୋଟି ଟଙ୍କା ରଖାଯାଇଛି। ଏହା ମୋଟ୍ ବଜେଟ୍‌ର ୭ ଦଶମିକ ୫ ପ୍ରତିଶତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କଟକ ଏସ୍‌ସିବିର ପୁନର୍ବିକାଶ ପାଇଁ ୧ ହଜାର କୋଟି, ବ୍ରହ୍ମପୁର ଏମ୍‌କେସିଜି ଓ ବୁର୍ଲା ଭୀମସାର ପାଇଁ ୬୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ପାଇଁ ୬ ହଜାର ୩୦୯ କୋଟି, ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନ ପାଇଁ ୫ ହଜାର ୮ କୋଟି, ମୁଖ୍ୟମନ୍ତ୍ରୀ ପୋଷଣ ଶକ୍ତି ଯୋଜନା ପାଇଁ ୭୩୨ କୋଟି, ସମୃଦ୍ଧ ଅଙ୍ଗନୱାଡି ଯୋଜନା ପାଇଁ ୬୩୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନାର ଶୁଭାରମ୍ଭ ହୋଇଥିବା ମୁଖ୍ୟମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି। ଫିଟ୍ ଓଡ଼ିଶା ମିଶନ ପାଇଁ ୧୦ କୋଟି ଟଙ୍କା, ସୁଜଳା ଯୋଜନା ପାଇଁ ୮୨୦ କୋଟି ଟଙ୍କା, ଡାଲଖାଇ ଯୋଜନା ପାଇଁ ୨୨୦ କୋଟି ଟଙ୍କା, ମୁଖ୍ୟମନ୍ତ୍ରୀ ସ୍ମାର୍ଟ ଯୋଜନା ପାଇଁ ୧୦୦ କୋଟି ଟଙ୍କା, ପର୍ଯ୍ୟଟନ କ୍ଷେତ୍ରର ବକାଶ ପାଇଁ ୫୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି।

ବଜେଟ୍‌ରେ ବିକଶିତ ଭାରତ ଜି.ରାମ.ଜି. ପାଇଁ ୫ ହଜାର ୫୭୫ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି। ବିଶ୍ୱର ବୃହତ ଶସ୍ୟ ସଂରକ୍ଷଣ

ଯୋଜନା ପାଇଁ ୨୪୦ କୋଟି ଏବଂ ରେୟାର ଆର୍ଥ କରିଡର ପାଇଁ ୧୦ କୋଟି ଟଙ୍କା ଘୋଷଣା କରାଯାଇଛି । ରାଜ୍ୟ ଏଆଇ ମିଶନ ପାଇଁ ୨୩ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି ।  ମଧୁବାବୁ ପେନସନ୍ ଯୋଜନାରେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯିବା ସହ ବାଦ୍ ପଡିଥିବା ୬ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ପେନ୍‌ସନ୍ ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ରାଜ୍ୟରେ ୪ଟି ନୂଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସହିତ ମୟୂରଭଞ୍ଜରେ ନୂଆ କୃଷି ବିଶ୍ୱବିଦ୍ୟାଳୟ ଖୋଲାଯିବ । ଓଡ଼ିଆ ଅସ୍ମିତା ପାଇଁ ବଜେଟ୍‌ରେ ୩୭୪ କୋଟି ଟଙ୍କା ଓ କ୍ରୀଡା ଭିତ୍ତିଭୂମିର ବିକାଶ ପାଇଁ  ୯୦୦ କୋଟି ଟଙ୍କା ରଖାଯାଇଛି । ଭୁବନେଶ୍ୱର ଗୋଠପାଟଣାରେ ବିଶ୍ୱସ୍ତରୀୟ କ୍ରୀଡା କମ୍ପ୍ଲେକ୍ସ ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ବଜେଟ୍ ଅଭିଭାଷଣ ଶେଷରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଅମୃତକାଳରେ ବିକଶିତ ଭାରତ ଦିଗରେ ଅଗ୍ରସର ଜାତୀୟ ଯାତ୍ରାରେ ଓଡ଼ିଶା ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ପ୍ରସ୍ତୁତ ରହିଛି । ଓଡ଼ିଶା ଭିଜନ ୨୦୩୬ ଏବଂ ୨୦୪୭କୁ ବାସ୍ତବ ରୂପ ଦେବା ପାଇଁ ଜନସାଧାରଣଙ୍କ ଶକ୍ତି ଓ ସହଯୋଗ ନିତ୍ୟାନ୍ତ ଆବଶ୍ୟକ ।

**ବଜେଟ୍**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଧାନସଭାରେ   ତୃତୀୟ ଥର ପାଇଁ ବଜେଟ୍ ଉପସ୍ଥାପନ କରିଛନ୍ତି । ୨୦୨୬-୨୭ ଆର୍ଥିକବର୍ଷ ପାଇଁ  ୩ ଲକ୍ଷ ୧୦ ହଜାର କୋଟିର ବଜେଟ୍ ଉପସ୍ଥାପନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଗତିଶୀଳ ନେତୃତ୍ୱରେ ଭାରତ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି ଭାବେ ଉଭା ହୋଇଛି । ଅନ୍ନଦାତାଙ୍କ ପରିଶ୍ରମ

ପାଇଁ ଶସ୍ୟଭଣ୍ଡାର ପରିପୂର୍ଣ୍ଣ ହେବା ସହିତ ଗ୍ରାମୀଣ ସମୃଦ୍ଧି ସୁଦୃଢ଼ ହୋଇପାରିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ରସ୍ଥଳିର ସଂରକ୍ଷଣ ଓ ସମ୍ବର୍ଦ୍ଧନ ପାଇଁ ପୁରୀରେ ପ୍ରାୟ ଏକ ହଜାର କୋଟି  ଟଙ୍କା ବ୍ୟୟରେ ଏକ ବିଶ୍ୱସ୍ତରୀୟ ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଏବଂ ଲାଇବ୍ରେରୀ କେନ୍ଦ୍ର ପ୍ରତିଷ୍ଠା କରାଯିବ। ଏହାସହିତ 'ସମର୍ପଣ' ନାମରେ ଏକ ସୁରକ୍ଷିତ ଅନ୍‌ଲାଇନ୍ ଦାନ ପ୍ଲାଟଫର୍ମ ଡିଜିଟାଲ ହୁଣ୍ଡି ପ୍ରଚଳନ ନେଇ ମୁଖ୍ୟମନ୍ତ୍ରୀ ଗୃହରେ କହିଛନ୍ତି।

## - V/O -

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାରର ସମସ୍ତ ଅଳଙ୍କାର ଗଣତି-ମଣତି ପାଇଁ ବଜେଟ୍‌ରେ ୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଓଡ଼ିଶା ଆର୍ଥିକ ଦୂରଦୃଷ୍ଟି ଏବଂ ସୁଶାସନର ଏକ ମଡେଲ୍ ଭାବରେ ପରିଗଣିତ ହୋଇପାରିଛି।

ଯୁବବର୍ଗ, ଅନ୍ନଦାତା ଏବଂ ନାରୀଶକ୍ତି ପାଇଁ ବିଭିନ୍ନ ଜନାଭିମୁଖୀ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି। ଅର୍ଥନୀତିର ସୁପରିଚାଳନା ଯୋଗୁଁ ରାଜ୍ୟର ମୋଟ୍ ଘରୋଇ ଉତ୍ପାଦ-ଜିଏସ୍‌ଡିପି ୨୦୨୫-୨୬ ଆର୍ଥିକବର୍ଷରେ ୭ ଦଶମିକ ୯ ପ୍ରତିଶତ ହାରରେ ବୃଦ୍ଧି ପାଇବା ନେଇ ଆକଳନ କରାଯାଇଛି। ୨୦୨୬-୨୭ ଆର୍ଥିକବର୍ଷରେ  ରାଜ୍ୟର ମୋଟ୍ ଘରୋଇ ଉତ୍ପାଦ ପ୍ରାୟ ୧୧ ଲକ୍ଷ ୭ କୋଟି ଟଙ୍କାରେ ପହଞ୍ଚିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟ ସରକାର ଆର୍ଥିକବର୍ଷ ୨୦୨୬-୨୭ ରୁ ୨୦୩୦-୩୧ ମଧ୍ୟରେ ସ୍ଥାନୀୟ ନିକାୟ ସଂସ୍ଥାଗୁଡ଼ିକୁ

୫୦ ହଜାର କୋଟି ଟଙ୍କା ହସ୍ତାନ୍ତର କରିବା ପାଇଁ ଷଷ୍ଠ ରାଜ୍ୟ ଅର୍ଥ କମିଶନଙ୍କ ସୁପାରିଶକୁ ଗ୍ରହଣ କରିଛନ୍ତି। କେନ୍ଦ୍ର ବଜେଟ୍‌ରେ ଓଡ଼ିଶା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ରେଳପ୍ରକଳ୍ପ ନିମନ୍ତେ ରେକର୍ଡ ୧୦ ହଜାର ୯୨୮ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ବଜେଟ୍ ଅଭିଭାଷଣରେ କହିଛନ୍ତି। ସେମିକଣ୍ଡକ୍ଟର, ଜୈବ ଔଷଧଶିଳ୍ପ, ମତ୍ସ୍ୟଚାଷ, କୃଷି ଏବଂ ଉପକୂଳ ପର୍ଯ୍ୟଟନରେ ଜାତୀୟ ପଦକ୍ଷେପ ରୋଜଗାର ସୃଷ୍ଟି ଓ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି। ଭୁବନେଶ୍ୱର-କଟକ-ପୁରୀ-ପାରାଦ୍ୱୀପ ଅର୍ଥନୈତିକ କ୍ଷେତ୍ର ପାଇଁ ବ୍ୟାପକ ଅର୍ଥନୈତିକ ଯୋଜନାର ଶୁଭାରମ୍ଭ ହୋଇଛି।

ପର୍ଯ୍ୟାୟକ୍ରମେ ବରଗଡ-ଝାରସୁଗୁଡ଼ା-ସମ୍ବଲପୁର, ବ୍ରହ୍ମପୁର-ଛତ୍ରପୁର-ଗୋପାଳପୁର ଏବଂ ଜୟପୁର-କୋରାପୁଟ-ସୁନାବେଡାକୁ ଅର୍ଥନୈତିକ କ୍ଲଷ୍ଟର ଭାବେ ବିକଶିତ କରାଯିବ।

ଚିଲିକାରେ ପାରିବେଶିକ ଏବଂ ଭୂଆକୃତିଗତ ଅସ୍ଥିରତାର ସୁଧାର ଆଣିବା ପାଇଁ 'ଚିଲିକା ପୁନରୁଦ୍ଧାର' ଯୋଜନା କାର୍ଯ୍ୟକାରୀ ହେବ। ଓଡ଼ିଶାର ସମୃଦ୍ଧ ଐତିହ୍ୟ, ଭାଷା ଏବଂ ସାମରିକ କଳା-କୌଶଳକୁ ଉଜ୍ଜୀବିତ କରିବା ପାଇଁ ବାରିପଦାଠାରେ ୧୦ କୋଟି ଟଙ୍କା ବ୍ୟୟରେ 'ମୟୂରଭଞ୍ଜ ଛଉ ଏକାଡେମୀ' ପ୍ରତିଷ୍ଠା କରାଯିବ। କୃଷକଙ୍କ ଆୟ ବୃଦ୍ଧିକୁ ସୁନିଶ୍ଚିତ କରିବା ପାଇଁ ସମୃଦ୍ଧ କୃଷକ ଯୋଜନାରେ ଆଗାମୀ ଆର୍ଥିକବର୍ଷରେ ୬ ହଜାର ୮୮

କୋଟି ଟଙ୍କା ଖର୍ଚ୍ଚ କରାଯିବ। ମାଣ୍ଡିଆ ଭଳି ଜଳବାୟୁ ସହନଶୀଳ ଏବଂ ପୃଷ୍ଟିକର ଶସ୍ୟକୁ ପୁନର୍ଜୀବିତ କରି ଖାଦ୍ୟ ସୁରକ୍ଷା ଯୋଗାଇବା ପାଇଁ ଶ୍ରୀଅନ୍ନ ଅଭିଯାନ ପାଇଁ ବଜେଟ୍‌ରେ ୪୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଜଳସେଚନ, ବନ୍ୟା ନିୟନ୍ତ୍ରଣ ଏବଂ ଜଳ ଉପଲବ୍ଧତାରେ ଉନ୍ନତି ଆଣିବା ପାଇଁ ୨୦୨୬-୨୭ ଆର୍ଥିକବର୍ଷରେ ଆନ୍ତଃ ନଦୀ ସଂଯୋଗୀକରଣ ଯୋଜନା କାର୍ଯ୍ୟକାରୀ ହେବା ସହିତ ଏହି ବାବଦରେ ୧୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ୨୦୨୯ ମସିହା ସୁଦ୍ଧା ୧୫ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା ଉପଲବ୍ଧ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି।

ଆଗାମୀ ଆର୍ଥିକବର୍ଷରେ ୩ ଲକ୍ଷ ୩୩ ହଜାର ହେକ୍ଟର ଜମିରେ ପ୍ରଯୁକ୍ତିବିଦ୍ୟା ଆଧାରିତ ଜଳସେଚନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପାର୍ବତୀ ଗିରି ବୃହତ୍ ଉଠା ଜଳସେଚନ ପାଇଁ ବଜେଟ୍‌ରେ ୨ ହଜାର ୨୯ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ସମବାୟ ଋଣ ରିହାତି ସହାୟତାରେ କୃଷକମାନଙ୍କୁ ସଶକ୍ତ କରିବା ପାଇଁ ସରକାର ସଂକଳ୍ପବଦ୍ଧ। ଆସନ୍ତା ଆର୍ଥିକବର୍ଷରେ ୩୮ ଲକ୍ଷ ଚାଷୀଙ୍କୁ ୨୧ ହଜାର କୋଟି ଟଙ୍କାର ଫସଲ ଋଣ ପ୍ରଦାନ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ ଉଲ୍ଲେଖ କରିଛନ୍ତି।

ବଜେଟ୍‌ରେ ସୁଭଦ୍ରା ଯୋଜନା ପାଇଁ ୧୦ ହଜାର ୧୪୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପାଇଁ ୨୩ ହଜାର ୧୮୨ କୋଟି ଟଙ୍କା ରଖାଯାଇଛି। ଏହା ମୋଟ୍ ବଜେଟ୍‌ର ୭

ଦଶମିକ ୫ ପ୍ରତିଶତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କଟକ ଏସ୍‌ସିବିର ପୁନର୍ବିକାଶ ପାଇଁ ୧ ହଜାର କୋଟି, ବ୍ରହ୍ମପୁର ଏମ୍‌କେସିଜି ଓ ବୁର୍ଲା ଭୀମସାର ପାଇଁ ୬୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ପାଇଁ ୬ ହଜାର ୩୦୯ କୋଟି, ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନ ପାଇଁ ୫ ହଜାର ୮ କୋଟି, ମୁଖ୍ୟମନ୍ତ୍ରୀ ପୋଷଣ ଶକ୍ତି ଯୋଜନା ପାଇଁ ୭୩୨ କୋଟି, ସମୃଦ୍ଧ ଅଙ୍ଗନଓ୍ୱାଡି ଯୋଜନା ପାଇଁ ୬୩୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନାର ଶୁଭାରମ୍ଭ ହୋଇଥିବା ମୁଖ୍ୟମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି। ଫିଟ୍ ଓଡ଼ିଶା ମିଶନ ପାଇଁ ୧୦ କୋଟି ଟଙ୍କା, ସୁଜଳା ଯୋଜନା ପାଇଁ ୮୨୦ କୋଟି ଟଙ୍କା, ଡାଲଖାଇ ଯୋଜନା ପାଇଁ ୨୨୦ କୋଟି ଟଙ୍କା, ମୁଖ୍ୟମନ୍ତ୍ରୀ ସ୍ମାର୍ଟ ଯୋଜନା ପାଇଁ ୧୦୦ କୋଟି ଟଙ୍କା, ପର୍ଯ୍ୟଟନ କ୍ଷେତ୍ରର ବକାଶ ପାଇଁ ୫୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି।

ବଜେଟ୍‌ରେ ବିକଶିତ ଭାରତ ଜି.ରାମ.ଜି. ପାଇଁ ୫ ହଜାର ୫୭୫ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି। ବିଶ୍ୱର ବୃହତ ଶସ୍ୟ ସଂରକ୍ଷଣ ଯୋଜନା ପାଇଁ ୨୪୦ କୋଟି ଏବଂ ରେୟାର ଆର୍ଥ କରିଡର ପାଇଁ ୧୦ କୋଟି ଟଙ୍କା ଘୋଷଣା କରାଯାଇଛି। ରାଜ୍ୟ ଏଆଇ ମିଶନ ପାଇଁ ୨୩ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି।  ମଧୁବାବୁ ପେନସନ୍ ଯୋଜନାରେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯିବା ସହ ବାଦ୍ ପଡିଥିବା ୬ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ପେନ୍‌ସନ୍ ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟରେ ୪ଟି ନୂଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସହିତ ମୟୂରଭଞ୍ଜରେ ନୂଆ କୃଷି ବିଶ୍ୱବିଦ୍ୟାଳୟ ଖୋଲାଯିବ। ଓଡ଼ିଆ ଅସ୍ମିତା ପାଇଁ ବଜେଟ୍‌ରେ ୩୭୪ କୋଟି ଟଙ୍କା ଓ କ୍ରୀଡା ଭିତ୍ତିଭୂମିର ବିକାଶ ପାଇଁ ୯୦୦ କୋଟି ଟଙ୍କା ରଖାଯାଇଛି। ଭୁବନେଶ୍ୱର ଗୋଠପାଟଣାରେ ବିଶ୍ୱସ୍ତରୀୟ କ୍ରୀଡା କମ୍ପ୍ଲେକ୍ସ ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବଜେଟ୍ ଅଭିଭାଷଣ ଶେଷରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଅମୃତକାଳରେ ବିକଶିତ ଭାରତ ଦିଗରେ ଅଗ୍ରସର ଜାତୀୟ ଯାତ୍ରାରେ ଓଡ଼ିଶା ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ପ୍ରସ୍ତୁତ ରହିଛି। ଓଡ଼ିଶା ଭିଜନ ୨୦୩୬ ଏବଂ ୨୦୪୭କୁ ବାସ୍ତବ ରୂପ ଦେବା ପାଇଁ ଜନସାଧାରଣଙ୍କ ଶକ୍ତି ଓ ସହଯୋଗ ନିତ୍ୟାନ୍ତ ଆବଶ୍ୟକ।

ବଜେଟ୍ ଉପସ୍ଥାପନ ପରେ ବାଚସ୍ପତି ସୁରମା ପାଢ଼ୀ ଆସନ୍ତାକାଲି ପୂର୍ବାହ୍ଣ ୧୦.୩୦ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଛନ୍ତି।

## ମାଟ୍ରିକ ପରୀକ୍ଷା

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ପରୀକ୍ଷାରେ ୧୨ ହଜାର ପରୀକ୍ଷାର୍ଥୀ ଅନୁପସ୍ଥିତ ରହିବା ପ୍ରସଙ୍ଗରେ ତର୍ଜମା କରାଯାଉଛି ବୋଲି ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି। ସରକାର ଡ୍ରପ୍‌ଆଉଟ୍ ରୋକିବାକୁ ସମସ୍ତ ପ୍ରକାର ପଦକ୍ଷେପ ନେଇଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି।

## ସଚେତନତା କାର୍ଯ୍ୟକ୍ରମ

**ଯାଜପୁର** ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ହରିସାମନ୍ତ ଉଚ୍ଚବିଦ୍ୟାଳୟରେ ଶିଶୁମାନଙ୍କ ଯୌନ ସୁରକ୍ଷା ସଂକ୍ରାନ୍ତରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ  କିଶୋରୀ ମାତୃତ୍ୱର କୁ-ପ୍ରଭାବ, ସ୍ୱାସ୍ଥ୍ୟ, ଶିକ୍ଷା, ସାମାଜିକ କ୍ଷେତ୍ରରେ ଶିଶୁମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା ।

## କର୍ମଶାଳା

**କେନ୍ଦୁଝର** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସାମାଜିକ କୁ-ପ୍ରଥା ଏବଂ ମହିଳା ନିର୍ଯ୍ୟାତନା ବିରୋଧରେ ଜିଲ୍ଲାସ୍ତରୀୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ   ଓଡ଼ିଶା ଡାହାଣୀ ଶିକାର ନିବାରଣ ଆଇନ୍ ଅନୁଯାୟୀ ଦଣ୍ଡବିଧାନ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା ।

## ସରକାରୀ ଓକିଲ ମନୋନୀତ

**ନୂଆପଡା** ଜିଲ୍ଲାରେ ଥିବା ସମସ୍ତ କୋର୍ଟରେ ସରକାରୀ ଓକିଲଙ୍କୁ ମନୋନୀତ କରାଯାଇଛି । ଜିଲ୍ଲା ଦୌରାକୋର୍ଟରେ ସରକାରୀ ଓକିଲ ଭାବେ ବରିଷ୍ଠ ଆଇନ୍‌ଜୀବୀ ମୁରଲୀଧର ପଣ୍ଡାଙ୍କୁ ମନୋନୀତ କରାଯାଇଥିବାବେଳେ ଗୌରୀଶଙ୍କର ସେନାପତିଙ୍କୁ ଅନୁସୂଚିତ ଜାତି ଓ ଜନଜାତି ସ୍ୱତନ୍ତ୍ର ମାମଲା ପାଇଁ ସରକାରୀ ଓକଲ ଭାବେ ମନୋନୀତ କରାଯାଇଛି ।

## ଜିଲ୍ଲାସ୍ତରୀୟ ବୈଠକ

**ପୁରୀ** ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କମିଟିର ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଅଧ୍ୟକ୍ଷତା କରି ଜନସାଧାରଣଙ୍କୁ ଗ୍ରୀଷ୍ମପ୍ରବାହ ସମ୍ପର୍କରେ ସଚେତନ ସହିତ ବିଭିନ୍ନ ବିଭାଗର ପରିଚାଳନାକୁ ସୁଦୃଢ଼ କରିବା

ଉପରେ ଆଲୋଚନା କରିଥିଲେ। ବିପର୍ଯ୍ୟୟ ସମୟରେ ପୂର୍ବପ୍ରସ୍ତୁତି ଦ୍ୱାରା ଧନଜୀବନ ହାନୀ ଏବଂ କ୍ଷୟକ୍ଷତି ହ୍ରାସ ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାର ସମସ୍ତ ବ୍ଲକ୍ ଏବଂ ତହସିଲସ୍ତରରେ ବିଭାଗୀୟ ନିୟନ୍ତ୍ରଣ କକ୍ଷକୁ ନିରନ୍ତର ଭାବେ କାର୍ଯ୍ୟକ୍ଷମ କରିବା, ସହରାଞ୍ଚଳରେ ପାନୀୟ ଜଳଯୋଗାଣକୁ ଅଧିକ କ୍ରିୟାଶୀଳ କରିବା ଏବଂ ଜଳଉତ୍ସଗୁଡ଼ିକୁ ନିୟମିତ ବିଶୋଧନ ଆଦି ସଂକ୍ରାନ୍ତରେ ଜିଲ୍ଲାପାଳ ସମୀକ୍ଷା କରିଥିଲେ।

## ଆତ୍ମନିଯୁକ୍ତି ପ୍ରଶିକ୍ଷଣ

**ଗଜପତି** ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ପାରଳାଖେମୁଣ୍ଡିସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନଠାରେ ଜିଲ୍ଲାସ୍ତରୀୟ ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୧୮୭ ଜଣ ବରିଷ୍ଠ ନାଗରିକ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି।

## ବିଶ୍ୱ ସାମାଜିକ ନ୍ୟାୟ ଦିବସ

**ବରଗଡ଼** ଜିଲ୍ଲା ଯଦୁମଣି ଅଡିଟୋରିୟମ୍‌ଠାରେ ଜିଲ୍ଲାସ୍ତରୀୟ ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଆଦିତ୍ୟ ଗୋଏଲ ମୁଖ୍ୟଅତିଥିଭାବେ ଯୋଗଦେଇ ସମାଜରେ ଶାନ୍ତି ଏବଂ ସହାବସ୍ଥାନ ପ୍ରତିଷ୍ଠା କରିବାରେ ସାମାଜିକ ନ୍ୟାୟର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ।

# ପାଣିପାଗ

ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହୋଇଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏହା ଲଘୁଚାପର ରୂପ ନେବାର

ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଲଘୁଚାପ ସୃଷ୍ଟି ହେବା ପରେ ଏହା ପଶ୍ଚିମ-ଉତ୍ତର ପଶ୍ଚିମ ଦିଗକୁ ଗତି ପରିପାରେ। ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ସୋମବାରଠାରୁ ବିଜୁଳି ଘଡଘଡ଼ି ସହ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି।